# NATIONAL NEWS BULLETIN (ODIA)
## 15 June - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- **G-7** ଶିଖର ସମ୍ମିଳନୀରେ ଚୀନ୍‌ର ଅସାଧୁ କାର୍ଯ୍ୟକଳାପକୁ ସମାଲୋଚନା ।
- ରୁଦ୍ରପ୍ରୟାଗଠାରେ ସଡ଼କ ଦୁର୍ଘଟଣାରେ ୧୩ ଜଣଙ୍କର ମୃତ୍ୟୁ ।

– ରାଷ୍ଟ୍ରପତି ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଦୁଃଖ ପ୍ରକାଶ ।

- ଛତିଶଗଡ଼ରେ ସୁରକ୍ଷା କର୍ମୀଙ୍କ ସହ ଗୁଳିବିନିମୟରେ ୮ ଜଣ ମାଓବାଦୀ ନିହତ ।
- ଏମ୍.ଆଇ.ଏଫ୍.ଏଫ୍.ରେ ସୁବିହା ନାଲାମୁଥୁଙ୍କୁ ଚଳିତ ବର୍ଷର ଭି. ଶାନ୍ତରାମ ଜୀବନ ବ୍ୟାପି ସଫଳତା ପୁରସ୍କାର ପ୍ରଦାନ କରାଯିବ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଭାରତ ଓ କାନାଡ଼ା ଏବଂ ଇଂଲଣ୍ଡ ଓ ନାମିବ୍ୟା ମଧ୍ୟରେ ମୁକାବିଲା ହେବ ।

# ଜି-୭-ଷ୍ଟେଟ୍‌ମେଣ୍ଟ

ଇଟାଲୀର ଅପୁଲିଆ ଠାରେ **G-7** ଶିଖର ସମ୍ମିଳନୀର ଶେଷ ଦିବସରେ ଚୀନ୍‌ର କାର୍ଯ୍ୟକଳାପକୁ ସମାଲୋଚନା କରାଯାଇଛି । **G-7** ର ସଦସ୍ୟ ରାଷ୍ଟ୍ର ଗୁଡ଼ିକ ୟୁକ୍ରେନ୍ ବିରୁଦ୍ଧରେ ଯୁଦ୍ଧ କରିବା ଲାଗି ରୁଷିଆକୁ ଅସ୍ତ୍ରଶସ୍ତ୍ର ସହାୟତା ଯୋଗାଉଥିବା ନେଇ ଚୀନ୍‌ର ଆର୍ଥିକ ସଂସ୍ଥା ଗୁଡ଼ିକୁ ଚେତାବନୀ ଦେଇଛନ୍ତି । ସମ୍ମିଳନୀରେ କୁହାଯାଇଛି, ଚୀନ୍ ପ୍ରତି କୌଣସି ଆର୍ଥିକ କ୍ଷତି କରିବାର ଉଦ୍ଦେଶ୍ୟ ନାହିଁ । କିନ୍ତୁ ତାର ଅସାଧୁ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ଲାଗି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । **G-7** ଶିଖର ବୈଠକରେ ଭାରତ-ମଧ୍ୟପୂର୍ବ ୟୁରୋପ ଅର୍ଥନୈତିକ କରିଡ଼ର ଭଳି ସ୍ୱତନ୍ତ୍ର ଭିତ୍ତିଭୂମି ପ୍ରକଳ୍ପକୁ ସହାୟତା କରିବା ଲାଗି ସ୍ଥିର କରାଯାଇଥିଲା ।

**G-7** ଶିଖର ସମ୍ମିଳନୀର କୃତ୍ରିମ ପ୍ରଜ୍ଞା ଓ ଶକ୍ତି, ଆଫ୍ରିକା ଭୂମଧ୍ୟସାଗରୀୟ ଆଉଟ୍‌ରିଚ୍ ଅଧିବେଶନରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପ୍ରଯୁକ୍ତିର ସଫଳତା ସକାଶେ ମାନବ କୈନ୍ଦ୍ରିକ ଆଭିମୁଖ୍ୟ ଆପଣାଯିବାର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ଶ୍ରୀ ମୋଦୀ ଜନସେବା ବିତରଣରେ ଡିଜିଟାଲ୍ ପ୍ରଯୁକ୍ତିର ଉପଯୋଗ କ୍ଷେତ୍ରରେ ଭାରତ ହାସଲ କରିଥିବା ସଫଳତା କାହାଣୀ ପ୍ରତିନିଧିମାନଙ୍କୁ ଅବଗତ

କରାଇଥିଲେ । ଭାରତର କୃତ୍ରିମ ପ୍ରଜ୍ଞା ମିଶନ୍ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରଯୁକ୍ତି ସମସ୍ତଙ୍କ ପାଇଁ ପ୍ରଗତି ଏବଂ ମଙ୍ଗଳକର ହେବ । ଭାରତ କୃତ୍ରିମ ପ୍ରଜ୍ଞା କ୍ଷେତ୍ରରେ ବୈଶ୍ୱିକ ସହଭାଗିତାର ସଦସ୍ୟ ଭାବରେ ଅନ୍ତରାଷ୍ଟ୍ରୀୟ ସହଯୋଗକୁ ପ୍ରୋତ୍ସାହିତ କରୁଛି ।

ସୂଚନା ଯୋଗ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଟାଲୀ ଗସ୍ତ ଶେଷକରି ଆଜି ସକାଳେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟକରି ପ୍ରଧାନମନ୍ତ୍ରୀ ତାଙ୍କର ଗସ୍ତ ସଫଳ ହୋଇଛି ବୋଲି କହିଛନ୍ତି । ବିଭିନ୍ନ ପ୍ରସଙ୍ଗରେ ବିଶ୍ୱ ନେତାଙ୍କ ସହ ଆଲୋଚନା ହୋଇଥିବା ନେଇ ସେ ଉଲ୍ଲେଖ କରିଛନ୍ତି ।

## ଏଚ୍ଏମ୍-ହାଇଲେବୁଲ୍ ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତାକାଲି ଏକ ଉଚ୍ଚସ୍ତରୀୟ କମିଟି ବୈଠକରେ ଜାମ୍ମୁ କାଶ୍ମୀରର ନିରାପତ୍ତା ପରିସ୍ଥିତି ଏବଂ ଅମରନାଥ ଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିବେ । ବୈଠକରେ ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ୍, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଏବଂ ସେନା, ପୁଲିସ୍, ଜାମ୍ମୁ କାଶ୍ମୀର ପ୍ରଶାସନ ଓ ଅନ୍ୟାନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଯୋଗ ଦେବେ । ଶ୍ରୀ ଶାହା ଗତକାଲି ନୂଆଦିଲ୍ଲୀ ଠାରେ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟର ବରିଷ୍ଠ

ଅଧିକାରୀମାନଙ୍କ ସହ ଜାମ୍ମୁ କାଶ୍ମୀରରେ ସୁରକ୍ଷା ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ ।

## ଜେପି ନଡ୍ଡା

ରସାୟନ ଓ ସାର ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ବୈଠକରେ ଭେଷଜ ବିଭାଗର ସମୀକ୍ଷା କରାଯାଇଛି । ବୈଠକରେ ପ୍ରଧାନମନ୍ତ୍ରୀଙ୍କ ୨୦୪୭ ମସିହା ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିରେ ସରକାରଙ୍କ ୫ ବର୍ଷିଆ କାର୍ଯ୍ୟକ୍ରମ ଏବଂ ୧୦୦ ଦିନର କାର୍ଯ୍ୟାନ୍ୱୟନ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା । ବୈଠକରେ ଦେଶରେ ଔଷଧ ସୁରକ୍ଷା, ଚିକିତ୍ସା ଯନ୍ତ୍ରାଂଶ କ୍ଷେତ୍ରରେ ଆତ୍ମନିର୍ଭରତା, ଜନଔଷଧୀ ଯୋଜନା ଗୁଡ଼ିକର ବ୍ୟାପକତା ନାଗରିକମାନଙ୍କୁ ସୁଲଭ ଦରରେ ଔଷଧ ଯୋଗାଣ ଏବଂ ଚିକିତ୍ସା ପ୍ରଦାନ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆସନ୍ତା ୩ ବର୍ଷ ମଧ୍ୟରେ ସମସ୍ତ ଔଷଧ ଏବଂ ଚିକିତ୍ସା ଯନ୍ତ୍ରାଂଶ ଉତ୍ପାଦନକାରୀ କାରଖାନା ଗୁଡ଼ିକୁ ବିଶ୍ୱଶ୍ରେଣୀୟ କରିବା ଉପରେ ଶ୍ରୀ ନଡ୍ଡା ଗୁରୁତ୍ୱ ପ୍ରଦାନ କରିଥିଲେ ।

ବୈଠକରେ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲଙ୍କ ସମେତ ସାର ଓ ରସାୟନ ବିଭାଗ, ଫାର୍ମା ଓ ମେଡିଟେକ୍ କମ୍ପାନୀ ଗୁଡ଼ିକର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

## ଉତ୍ତରାଖଣ୍ଡ-ଦୁର୍ଘଟଣା

ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଠାରେ ବଦ୍ରିନାଥ ଜାତୀୟ ରାଜପଥ ରେନ୍‌ତୋଲି ନିକଟରେ ଆଜି ଏକ ସଡ଼କ ଦୁର୍ଘଟଣାରେ ୧୩ଜଣଙ୍କର ମୃତ୍ୟୁ ଘଟିଛି । ୨୬ ଜଣ ତୀର୍ଥ ଯାତ୍ରୀଙ୍କୁ ନେଇ ଯାଉଥିବା ଗୋଟିଏ ପର୍ଯ୍ୟଟନ ବସ୍ ଖାତକୁ ଖସି ପଡ଼ିବା ଫଳରେ ଏହି ଦୁର୍ଘଟଣା ଘଟିଥିବା ଜଣାଯାଇଛି । ଦୁର୍ଘଟଣାରେ ଗୁରୁତର ଆହତ ୭ ଜଣଙ୍କୁ ବିମାନ ଯୋଗେ ରିଷିକେଶ ସ୍ଥିତ ଏମସ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି । ଅନ୍ୟ ୭ ଜଣଙ୍କୁ ଜିଲ୍ଲା ହସ୍ପିଟାଲ୍‌ରେ ଚିକିତ୍ସା କରାଯାଉଛି । ଦୁର୍ଘଟଣା ଖବର ପାଇ ଜିଲ୍ଲା ପ୍ରଶାସନ, ପୁଲିସ୍, ଏସ୍.ଡି.ଆର୍.ଏଫ୍., ଅଗ୍ନିସମ ସେବା, ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଦଳ ପକ୍ଷରୁ ତୁରନ୍ତ ଉଦ୍ଧାର କାର୍ଯ୍ୟ କରାଯାଇଥିଲା । ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର କରାଯାଇଛି । ରାଜ୍ୟପାଳ ଗୁରମିତ ସିଂହ ଏବଂ ମୁଖ୍ୟମନ୍ତ୍ରୀ ପୁଷ୍କର

ସିଂହ ଧାମି  ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଦୁର୍ଘଟଣାର ତଦନ୍ତ କରିବା ଲାଗି ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

 ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଦୁର୍ଘଟଣା ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି କହିଛନ୍ତି, ଏହା ଏକ ଦୁଃଖଦ ଖବର । ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ପାଇଁ ସେ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦୁର୍ଘଟଣାରେ ଗଭୀର ଶୋକ ପ୍ରକାଶ କରି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଦୁର୍ଘଟଣାରେ ଆହତ ଲୋକମାନଙ୍କୁ ସମ୍ଭାବ୍ୟ ସାହାଯ୍ୟ ଯୋଗାଇ ଦିଆଯିବ । ସ୍ଥାନୀୟ ପ୍ରଶାସନ ଏବଂ ଏସ୍.ଡି.ଆର୍.ଏଫ୍. ଦଳ ପକ୍ଷରୁ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ । ମନ୍ତ୍ରୀ ଶ୍ରୀ ଶାହା ଆହତ ବ୍ୟକ୍ତିଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ଛତିଶଗଡ଼-ମାଓବାଦୀ

ଛତିଶଗଡ଼ର ବସ୍ତର ଡିଭିଜନ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ସହ ଗୁଳି ବିନିମୟରେ ୮ ଜଣ ମାଓବାଦୀ ନିହତ ହୋଇଛନ୍ତି । ଏଥିରେ ସ୍ୱତନ୍ତ୍ର ଟାକ୍ସଫୋର୍ସର ଜଣେ ଯବାନ ଏବଂ ଅନ୍ୟ ୨ ଜଣ ସୁରକ୍ଷା କର୍ମୀ ଆହତ ହୋଇଥିବା ସୂଚନା ମିଳିଛି । ମାଓବାଦୀଙ୍କ ଉପସ୍ଥିତି ସଂପର୍କରେ ସୂଚନା

ପାଇ ଆଇଟିବିପି, ଜିଲ୍ଲା ସୁରକ୍ଷା କର୍ମୀ ଏବଂ ସ୍ୱତନ୍ତ୍ର ଟାସ୍କଫୋର୍ସ ପକ୍ଷରୁ ମିଳିତ ଭାବେ ବସ୍ତର ଡିଭିଜନର ଆବୁଝମାଦ୍ ଅଞ୍ଚଳରେ ତଲାସି ଅଭିଯାନ ଆରମ୍ଭ କରାଯାଇଥିଲା । ଏହି ସମୟରେ ମାଓବାଦୀଙ୍କ ପକ୍ଷରୁ ଗୁଳି ମାଡ଼ ଆରମ୍ଭ କରାଯାଇଥିଲା । ଘଟଣା ସ୍ଥଳରୁ ବହୁ ପରିମାଣରେ ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଛି । ଏବେ ମଧ୍ୟ ସେଠାରେ ତଲାସୀ ଅଭିଯାନ ଜାରି ରହିଛି । ଆହତ ସୁରକ୍ଷା କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ସୂଚନା ମିଳିଛି ।

## ସିକ୍କିମ୍-ଲ୍ୟାଣ୍ଡସ୍ଲାଇଡ୍

ସିକ୍କିମ୍ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂହ ତାମଙ୍ଗ୍ ନାମଚି ଜିଲ୍ଲା ଅନ୍ତର୍ଗତ ରାନ୍‌ଗାଙ୍ଗ-ୟାନ୍‌ଗାଙ୍ଗ୍ ନିର୍ବାଚନୀ ମଣ୍ଡଳୀ ଅନ୍ତର୍ଗତ ମାଜୁଆ ଭୂସ୍ଖଳନ ସ୍ଥଳୀ ଅନୁଧ୍ୟାନ କରିଛନ୍ତି । ୟାନ୍‌ଗାଙ୍ଗ୍ ହେଲିପ୍ୟାଡ୍ ଅଞ୍ଚଳରେ ଥିବା ପର୍ଯ୍ୟଟନ କେନ୍ଦ୍ରର ରିଲିଫ୍ ଶିବିରରେ ମୁଖ୍ୟମନ୍ତ୍ରୀ ଭୂସ୍ଖଳନ ଘଟଣାରେ ପ୍ରଭାବିତ ଲୋକଙ୍କୁ ଆର୍ଥିକ ସହାୟତା ଏବଂ ରିଲିଫ୍ ସାମଗ୍ରୀ ବଣ୍ଟନ କରିଛନ୍ତି । ଜୁନ୍ ୧୦ ତାରିଖରେ ହୋଇଥିବା ଭୂସ୍ଖଳନ ଘଟଣାରେ ତିନି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ବହୁ ସଂଖ୍ୟାରେ ଗୃହପାଳିତ ପଶୁ ପ୍ରାଣ ହରାଇବା ସହ ଘର ନଷ୍ଟ ହୋଇଯାଇଥିଲା । ମୁଖ୍ୟମନ୍ତ୍ରୀ ଭୂସ୍ଖଳନ ଘଟଣାରେ ବାସଗୃହ ରାଇଥିବା ପ୍ରତ୍ୟେକ ପରିବାରକୁ ଅଧା ଏକର ଚାଷ ଜମି ଏବଂ ୫ ଲକ୍ଷ

ଟଙ୍କା ଦେବା ଲାଗି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ମାଜୁଆ ଅଞ୍ଚଳକୁ ତୁରନ୍ତ ସଡ଼କ ଯୋଗାଯୋଗ ପୁନଃ ଥଇଥାନ କରିବା ନିମନ୍ତେ ସଡ଼କ ଏବଂ ସେତୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଉତ୍ତର ସିକ୍କିମ୍ ଅଞ୍ଚଳରେ ପାଗ ଖରାପ କାରଣରୁ ଅଟକି ରହିଥିବା ପର୍ଯ୍ୟଟକମାନଙ୍କୁ ଆଜି ମଧ୍ୟ ଉଦ୍ଧାର କରାଯାଇ ପାରିନାହିଁ ।  ପର୍ଯ୍ୟଟନ ମନ୍ତ୍ରୀ ସେରିଂ ଥେଣ୍ଡୁପ ଭୁଟିଆ ଆଜି ବରିଷ୍ଠ ଅଧିକାରୀମାନଙ୍କ ସହ ପର୍ଯ୍ୟଟକମାନଙ୍କୁ ଉଦ୍ଧାର ଓ ରିଲିଫ୍ ଯୋଗାଣ ସମ୍ପର୍କରେ ଆଲୋଚନା କରିଛନ୍ତି । କେତେକ ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ସଡ଼କ ବନ୍ଦ ହୋଇଥିବା କାରଣରୁ ଉଦ୍ଧାର କରାଯାଇ ପାରୁନଥିବା ଜଣାଯାଇଛି । ସୀମାନ୍ତ ସଡ଼କ ସଂସ୍ଥା ବି.ଆର୍. ପକ୍ଷରୁ ରାସ୍ତା ସଫା କାର୍ଯ୍ୟ ଜାରି ରହିଛି ।

## ଅରୁଣାଚଳପ୍ରଦେଶ-ସରକାର

ଅରୁଣାଚଳ ପ୍ରଦେଶରେ ନବଗଠିତ ସରକାରରେ ଆଜି ବିଭାଗ ବଣ୍ଟନ କରାଯାଇଛି । ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ପେମା ଖଣ୍ଡୁଙ୍କ ମନ୍ତ୍ରିମଣ୍ଡଳରେ ୧୨ ଜଣଙ୍କୁ ମନ୍ତ୍ରୀ କରାଯାଇଛି । ଏଥିରେ ୯ ଜଣ ନୂଆ ମନ୍ତ୍ରୀ ସାମିଲ ହୋଇଛନ୍ତି । ଚାଓନା ମେଁ ଉପମୁଖ୍ୟମନ୍ତ୍ରୀ ଭାବେ ରହିଛନ୍ତି । ତାଙ୍କୁ ଅର୍ଥ, ଯୋଜନା, ପୁଞ୍ଜିବିନିଯୋଗ ଏବଂ ଶକ୍ତି ବିଭାଗ ଦାୟିତ୍ୱ ଦିଆଯାଇଛି । ସେହିପରି ପୂର୍ବତନ ବାଚସ୍ପତି ପସଙ୍ଗ

ଦୋର୍ଜୀ ସୋନାଙ୍କୁ ଶିକ୍ଷା, ପୂର୍ତ୍ତ ବିଭାଗ, ବ୍ୟୁରାମ୍ ୱାଗେଙ୍କୁ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ୱାଙ୍କି ଲ୍ୱାଙ୍ଗାଙ୍କୁ ଜଙ୍ଗଲ, ପରିବେଶ ବିଭାଗ, ଶ୍ରୀମତୀ ଦାସଙ୍ଗ୍ଲୁ ପୁଲ୍ଙ୍କୁ ମହିଳା ଓ ଶିଶୁ ବିକାଶ, ସଂସ୍କୃତି ବ୍ୟାପାର, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଦିଆଯାଇଛି । ଅନ୍ୟ ମନ୍ତ୍ରୀମାନଙ୍କ ମଧ୍ୟରେ ନ୍ୟାଟୋ ଡୁକମ୍, ଗାବ୍ରିଏଲ୍ ଡି ୱାଙ୍ଗ୍ସୁ, ମାମା ନାଟୁଙ୍ଗ୍, ବାଲୋ ରାଜା, କେଣ୍ଟୋ ଜିନି ଏବଂ ୱେଜିଙ୍ଗ୍ ତାସିଙ୍ଗ୍ ରହିଛନ୍ତି ।

## ମୁମ୍ବାଇ-ଏମ୍ଆଇଏଫ୍ଏଫ୍

ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଏମ୍. ମୁରୁଗାନ ଆଜି ମୁମ୍ବାଇ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବ ଏମ୍.ଆଇ.ଏଫ୍.ଏଫ୍.-୨୦୨୪ରେ ଚଳିତ ବର୍ଷର ଭି. ଶାନ୍ତାରାମ ଜୀବନ ବ୍ୟାପି ସଫଳତା ପୁରସ୍କାର ସୁବିହା ନାଲାମୁଥୁଙ୍କୁ ପ୍ରଦାନ ଲାଗି ଘୋଷଣା କରିଛନ୍ତି । ସୁବିହା ନାଲାମୁଥୁଙ୍କୁ ବନ୍ୟପ୍ରାଣୀଙ୍କ ସମ୍ପର୍କରେ ଏକ ଦୀର୍ଘତମ ଚଳଚ୍ଚିତ୍ର **‘Living on the Edge’** ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଉଛି ।

ଆକାଶବାଣୀ ସମ୍ବାଦଦାତାଙ୍କୁ ସୂଚନା ଦେଇ ଶ୍ରୀ ମୁରୁଗାନ କହିଛନ୍ତି, ଚଳିତ ବର୍ଷ ପ୍ରଥମଥର ଲାଗି ଡକ୍ୟୁମେଣ୍ଟାରୀ ଫିଲ୍ମ ବଜାରର ଆୟୋଜନ କରାଯାଇଛି । ଏହା ଚଳଚ୍ଚିତ୍ର ପ୍ରଯୋଜନା କ୍ଷେତ୍ରରେ ସହାୟକ ହେବ । ଶ୍ରୀ ମୁରୁଗାନ ଏମ୍.ଆଇ.ଏଫ୍.ଏଫ୍. ଠାରେ ଉଦ୍‌ଘାଟିତ ଜାତୀୟ

ଭୌଗୋଳିକ ପ୍ରାମାଣିକ ଚଳଚ୍ଚିତ୍ର 'ବିଲି ଆଣ୍ଡ ମୋଲି – ଆନ୍ ଅଟ୍ଟର୍ ଲଭ୍ ଷ୍ଟୋରି' ଦେଖିଥିଲେ ।

ସୂଚନା ଯୋଗ୍ୟ ମୁମ୍ବାଇ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଏମ୍.ଆଇ.ଏଫ୍.ଏଫ୍.ର ଅଷ୍ଟାଦଶ ସଂସ୍କରଣ ଆଜିଠାରୁ ଆରମ୍ଭ ହୋଇଛି । କ୍ଷୁଦ୍ର, ପ୍ରାମାଣିକ ତଥା ଆନିମେସନ୍ ଚଳଚ୍ଚିତ୍ର ପାଇଁ ଆନ୍ତର୍ଜାତିକ କ୍ଷେତ୍ରରେ ଏହି ମହୋତ୍ସବର ମାନ୍ୟତା ରହିଛି ।

ନ୍ୟାସନାଲ୍ ଜିଓଗ୍ରାଫିକ୍ ଚ୍ୟାନେଲ୍‌ର ପ୍ରାମାଣିକ ଚଳଚ୍ଚିତ୍ର 'ବିଲି ଆଣ୍ଡ ମୋଲି, ଆନ୍ ଅଟ୍ଟର ଲଭ୍ ଷ୍ଟୋରି' ସ୍କ୍ରିନିଂ ସହ ଏହି ସଂସ୍କରଣର ଶୁଭାରମ୍ଭ କରାଯାଇଥିଲା । ଦିଲ୍ଲୀ, କୋଲକାତା, ଚେନ୍ନାଇ, ପୁନେ ଏବଂ ମୁମ୍ବାଇ ଠାରେ ଏକା ସଙ୍ଗରେ ଏହି ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଛି । ଚଳିତ ବର୍ଷ ରେକର୍ଡ ସଂଖ୍ୟକ ୧ହଜାର ୧୮ଟି ଚଳଚ୍ଚିତ୍ର ପ୍ରତିଯୋଗୀତାରେ ଅଂଶଗ୍ରହଣ କରୁଛନ୍ତି । ସେଥିରୁ ୧୧୮ଟି ଚଳଚ୍ଚିତ୍ରକୁ ତିନୋଟି ବିଶେଷଜ୍ଞ କମିଟିଙ୍କ ମାଧ୍ୟମରେ ଚୟନ କରାଯାଇଛି ।

## କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ରାତି ୮ଟାରେ ଭାରତ' କାନାଡ଼ାକୁ ଭେଟିବ । ଆମେରିକାର ଫ୍ଲୋରିଡା ସ୍ଥିତ ଲୌଡରହିଲ୍ କ୍ରିକେଟ୍ ପଡ଼ିଆରେ ଏହି ମ୍ୟାଚ୍ ଖେଳାଯିବ । ଭାରତ

ସୁପର-୮ରେ ପ୍ରବେଶ କରିସାରିଥିବା ବେଳେ ଏହି ମ୍ୟାଚ୍‌କୁ ଜିତି ଗ୍ରୁପ୍‌ର ଶୀର୍ଷ ସ୍ଥାନ ବଜାୟ ରଖିବାକୁ ଚେଷ୍ଟା କରିବ ।

ଅନ୍ୟ ଏକ ମ୍ୟାଚ୍ ରାତି ୧୦ଟାରେ ଇଂଲଣ୍ଡ ଏବଂ ନାମିବ୍ୟା ମଧ୍ୟରେ ମୁକାବିଲା ହେବ ।